# ସତ୍ୟବାର୍ତ୍ତା

# THE VOICE OF TRUTH

**November & December, 1997**

**AN ORIYA BIMONTHLY BULLETIN**
**PUBLISHED BY THE CHURCH OF CHRIST**

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

**Vol. 2 Nov & Dec, 1997 No. 6**

Published every two months in Oriya Language for the Restoration of pure New Testament Christianity

**FREE! FREE!! FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

ସତ୍ୟବାଣୀ

VOICE OF TRUTH

Vol. 10 KAKINADA NOV. DEC.

## ଉପାସନାର ଅର୍ଥ
### ( The meaning of worship )

ବାଇବଲରେ ଉପାସନାର ଅର୍ଥ ସେବା କରିବା । ପ୍ରଶଂସା କରିବା, ଗୌରବାନ୍ୱିତ କରିବା ବା ପୂଜା କରିବା । ମନୁଷ୍ୟ ଆପଣା ଠାରୁ ମହୋତ୍ତର ବ୍ୟକ୍ତିଙ୍କର ଉପାସନା କରିଥାଏ । ଉପାସନା ବିଷୟରେ ବାଇବଲ କଅଣ କହେ, ବିଶ୍ଳେଷଣ କରି ଦେଖିବା ।

(୧) ସେବା ଦ୍ୱାରା ଆମ୍ଭେମାନେ ଉପାସନା କରିଥାଉଁ :- ଏଠାରେ ସେବାର ଅର୍ଥ ଆଜ୍ଞାବହ ଭାବେ କାର୍ଯ୍ୟଭାର ସମ୍ପନ୍ନ କରିବା । ବାକ୍ୟରେ ପ୍ରଭୁଙ୍କ କର୍ତ୍ତା ଓ ଆମ୍ଭମାନଙ୍କୁ ଦାସ ରୂପେ କୁହା ଯାଇଅଛି । ପାଉଲ, ଆପଣାକୁ ରୋମୀୟ ମାନଙ୍କ ନିକଟରେ ଏପରି ଭାବେ ପରିଚିତ କରନ୍ତି, "ପାଉଲ, ଖ୍ରୀଷ୍ଟ ଯୀଶୁଙ୍କ ଦାସ ଓ ଆହୁତ ଜଣେ ପ୍ରେରିତ, ପୁଣି ଈଶ୍ୱର ଆପଣା ପୁତ୍ର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ନିଜର ଯେଉଁ ସୁସମାଚାର ଧର୍ମଶାସ୍ତ୍ରରେ ଆପଣା ଭାବବାଦୀ ମାନଙ୍କ ଦ୍ୱାରା ପୂର୍ବରେ ପ୍ରତିଜ୍ଞା କରିଥିଲେ । ସେହି ସୁସମାଚାର ନିମନ୍ତେ ପୃଥକୀକୃତ ।" (ରୋମୀୟ ୧(୧) । ପିତର ଏବଂ ଯାକୁବ ମଧ୍ୟ ୨ ପିତର ୧:୧ ପଦ ଓ ଯାକୁବ ୧:୧ ପଦରେ ଆପଣଙ୍କୁ ଖ୍ରୀଷ୍ଟଙ୍କ ଦାସରୂପେ ପରିଚିତ କରନ୍ତି । ଅର୍ଥାତ୍ ସେମାନେ ପ୍ରଭୁ ଯୀଶୁଙ୍କୁ ଆପଣା ସର୍ବସ୍ୱ ଅର୍ପଣ କରିଅଛନ୍ତି । ପାଉଲ କହନ୍ତି, "କିନ୍ତୁ ଏବେ ପାପର ଅଧିକତାରୁ ମୁକ୍ତ ହୋଇ ଈଶ୍ୱରଙ୍କ ଦାସ

ହେବାରୁ ତୁମ୍ଭମାନେ ପବିତ୍ରତା ଉଦ୍ଦେଶ୍ୟରେ ଫଳ ପାଉଅଛ, ଆଉ ଏଥିର ପରିଣାମ ଅନନ୍ତ ଜୀବନ ।" (ରୋମୀୟ ୬:୨୨)

ଆମ୍ଭମାନଙ୍କ ଠାରୁ ପ୍ରଭୁ କପରି ସେବା ଚାହାନ୍ତି, ଏହି ପଦ ଗୁଡ଼ିକରୁ ଜାଣିପାରୁ । "ସମ୍ପୂର୍ଣ୍ଣ ନମ୍ର ମନରେ ଅଶ୍ରୁପାତ ସହିତ ଯିହୂଦୀମାନଙ୍କର ନାନା ଷଡ଼ଯନ୍ତ୍ର ହେତୁ ମୋତେ ଯେ ଯେ ପରୀକ୍ଷା ଘଟିଥିଲା, ସେହିସବୁ ମଧ୍ୟରେ କପରି ପ୍ରଭୁଙ୍କ ସେବା କରୁଥିଲେ । (ପ୍ରେରିତ ୨୦:୧୯) । "ଏଣୁ ତୁମ୍ଭମାନଙ୍କର ଉତ୍ତମ ବିଷୟ ନିନ୍ଦିତ ନ ହେଉ । କାରଣ ଈଶ୍ୱରଙ୍କ ରାଜ୍ୟ ଭୋଜନପାନ ନୁହେଁ, କିନ୍ତୁ ଧାର୍ମିକତା, ଶାନ୍ତି, ଓ ପବିତ୍ର ଆତ୍ମାଙ୍କ ଠାରେ ଆନନ୍ଦ ଅଟେ । ଯେଣୁ ଯେ ଏହି ବିଷୟରେ ଖ୍ରୀଷ୍ଟଙ୍କର ସେବା କରେ, ସେ ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଓ ମନୁଷ୍ୟମାନଙ୍କ ନିକଟରେ ପରୀକ୍ଷା ସିଦ୍ଧ ହୁଏ । ଅତଏବ ଆସ ଯେ ବିଷୟ ଶାନ୍ତିଜନକ ଆଉ ଯେ ଯେ ବିଷୟ ଦ୍ୱାରା ପରସ୍ପର ନିଷ୍ଠା ହୁଏ । ସେହିସବୁର ଆମ୍ଭେମାନେ ଅନୁଗମନ କରୁ । "ଉଦ୍‌ଯୋଗରୁ ଶିଥିଳ ହୁଅନାହିଁ, ଆତ୍ମାରେ ଉତ୍ତପ୍ତ ହୁଏ । ପ୍ରଭୁଙ୍କ ସେବା କର । ଭରସାର ଆନନ୍ଦ କର, କ୍ଳେଶରେ ସହିଷ୍ଣୁ ହୁଅ, ପ୍ରାର୍ଥନାରେ ଏକାଗ୍ରଭାବରେ ନିବିଷ୍ଟ ଥାଏ ।" (୧୨:୧୧-୧୨)

ଆମ୍ଭେମାନଙ୍କ ଉପାସନା ବିଷୟରେ ପ୍ରେରିତ ପାଉଲ ଲେଖନ୍ତି, "ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ୨ ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା ।" (ରୋମୀୟ ୧୨:୧) "... ...ଏହା ମନୁଷ୍ୟର ସେବା କଲା ପରି ନୁହେଁ, ମାତ୍ର ପ୍ରଭୁଙ୍କ ସେବା କଲାପରି ସ୍ୱଚ୍ଛନ୍ଦରେ ସେବା କର ।" ଏଫିସୀ ୬:୮) । ଥୁୟାଟୀରା ମଣ୍ଡଳୀକୁ ପ୍ରଭୁ ଯୀଶୁ କହନ୍ତି, "ଆମେ ତୁମ୍ଭର କର୍ମ, ପ୍ରେମ, ବିଶ୍ୱାସ, ସେବା ଓ ଧୈର୍ଯ୍ୟ ଜାଣୁ, ପୁଣି ତୁମ୍ଭର ବର୍ତ୍ତମାନ କର୍ମ ତୁମ୍ଭର ପୂର୍ବ କର୍ମ ଗୁଡ଼ିକ ଅପେକ୍ଷା ଯେ ଅଧିକ, ଏହା ମଧ୍ୟ ଜାଣୁ ।" (ପ୍ରକାଶିତ ୧:୧୯)

**(୨) ପ୍ରଶଂସା ଦ୍ୱାରା ଆମ୍ଭେମାନେ ତାହାଙ୍କ ଉପାସନା କରୁ :**

ପାଉଲ ଓ ଶୀଲା ବନ୍ଦୀଶାଳାରେ ବନ୍ଦୀ ହେବା ଦୃଶ୍ୟ ବର୍ଣ୍ଣନା କରି ବାକ୍ୟ କହେ, "କିନ୍ତୁ ପ୍ରାୟ ମଧ୍ୟ ରାତ୍ରରେ ପାଉଲ ଓ ଶୀଲ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଓ ସ୍ତବଗାନ କରୁଥିଲେ, ଆଉ ବନ୍ଦୀମାନେ ଶୁଣୁଥିଲେ ।" (ପ୍ରେରିତ ୧୬:୨୫) ସମସ୍ତ ଆଶୀଷର ସହଭାଗୀ ଯେ ଆମ୍ଭେମାନେ ତାହାଙ୍କୁ ନିରନ୍ତର ପ୍ରଶଂସା କରିବା ଶୋଭନୀୟ । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ଏଣୁ ଆସ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ରୂପ ବଳି, ଅର୍ଥାତ୍ ତାହାଙ୍କ ନାମ ସ୍ୱୀକାର ଓଷ୍ଠାଧରର ଫଳ ଉତ୍ସର୍ଗ କରୁ ।" (ଏବ୍ରୀ ୧୩:୧୫) ପିତରଙ୍କ ଭାଷାରେ, "ଯେପରି ଅଗ୍ନି ଦ୍ୱାରା ପରୀକ୍ଷିତ କ୍ଷୟଣୀୟ ସୁବର୍ଣ୍ଣ ଅପେକ୍ଷା ଅଧିକ ବହୁମୂଲ୍ୟ ଯେ ତୁମ୍ଭମାନଙ୍କର ପରୀକ୍ଷାସିଦ୍ଧ ବିଶ୍ୱାସ, ତାହା ଯୀଶୁ ଖ୍ରୀଷ୍ଟଙ୍କ ପ୍ରକାଶିତ ହେବା ସମୟରେ ପ୍ରଶଂସା, ଗୌରବ ଓ ସମ୍ମାନର କାରଣ ହେବ ।" (୧ମ ପିତର ୧:୭) "କେହି ଯଦି ପ୍ରଚାର କରେ, ତେବେ ସେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରୁ, କେହି ଯଦି ସେବା କରେ, ତେବେ ସେ ଈଶ୍ୱରଙ୍କ ଠାରୁ ଶକ୍ତିପ୍ରାପ୍ତ ଲୋକ ପରି ସେବା କରୁ, ଯେପରି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ ଯୁଗେ ଯୁଗେ ଗୌରବ ଓ ପରାକ୍ରମ ତାହାଙ୍କର ।" ଆମେନ୍ । (୧ମ ପିତର ୪:୧୧)

ଆମ୍ଭମାନଙ୍କ ଦୈନିକ ଜୀବନରେ ତଥା ସପ୍ତାହର ପ୍ରଥମ ଦିନରେ ସମ୍ମିଳିତ ହେବା ସମୟରେ ପ୍ରଭୁଙ୍କ ପ୍ରଶଂସା କରିବା ଆବଶ୍ୟକ । ସପ୍ତାହର ପ୍ରଥମ ଦିବସରେ ଉପାସନାରେ ଉପସ୍ଥିତ ହେବା ଦ୍ୱାରା, ଉପାସନାରେ ଭାଗ ନେବା ଦ୍ୱାରା ଓ ସ୍ତବଗାନ କରିବା ଦ୍ୱାରା ଆମ୍ଭେମାନେ ତାହାଙ୍କ ପ୍ରଶଂସା କରୁ । ତାହାଙ୍କ ନାମରେ ଏକତ୍ରିତ ସମାଗମରେ ଆପଣାକୁ ନ ଉପସ୍ଥିତ କରି କପରି ତାଙ୍କୁ ପ୍ରଶଂସା କରିପାରିବୋ ।

**୩) ସମାଦର ଦ୍ୱାରା ତାହାଙ୍କ ଉପାସନା କରୁ :-**

ଖ୍ରୀଷ୍ଟ କହିଲେ "ଯେ ପୁତ୍ରଙ୍କ ସମାଦର କରେ ନାହିଁ, ସେ ତାହାଙ୍କର ପ୍ରେରଣ କର୍ତ୍ତା ପିତାଙ୍କୁ ମଧ୍ୟ ସମାଦର କରେ ନାହିଁ ।

(ଯୋହନ ୩:୧୬) । ଯୁବକ ତିମଥିଙ୍କୁ ପାଉଲ ଲେଖନ୍ତି - "ଅକ୍ଷୟ, ଅଦୃଶ୍ୟ, ଅଦ୍ୱିତୀୟ ଈଶ୍ୱର ଯେ ଅନନ୍ତକାଳୀନ ରାଜା, ତାହାଙ୍କ ସମ୍ଭ୍ରମ ଓ ଗୌରବ ଯୁଗେ ଯୁଗେ ହେଉ । ଆମେନ୍ ।" (୧ମ ତିମଥି ୧:୧୭) । ଯେଉଁ ପରମେଶ୍ୱର ଆମ୍ଭମାନଙ୍କୁ ସମସ୍ତ, ଆଶୀଷ, ଜୀବନର ଆଶା ପ୍ରଦାନ କରନ୍ତି, ସେ ସମସ୍ତ ସମାଦରର ଯୋଗ୍ୟ ଅଟନ୍ତି ।

## ୪) ଗୌରବ ସହ ଆମ୍ଭେମାନେ ତାହାଙ୍କ ଉପସନା କରୁ :

ଗୌରବାନ୍ୱିତ କରିବାର ଅର୍ଥ ସମ୍ମାନିତ କରିବା, ଉନ୍ନତ କରିବା ଓ ପ୍ରଶଂସା କରିବା । ରୋମୀୟ ମଣ୍ଡଳୀକୁ ପାଉଲ କହନ୍ତି, "ଯେପରି ଏକ ଚିତ୍ତରେ ଏକ ମୁଖରେ ତୁମ୍ଭେମାନେ ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପିତାଙ୍କର ଗୌରବ କର ।" (ରୋମୀୟ ୧୫:୬) 'କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କଣା ଯାଇଅଛ । ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।" (୧ମ କରନ୍ଥୀ ୬:୨୦) । "କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ । ତାହା ହେଲେ ସେ ଲଜ୍ଜା ବୋଧ ନକରୁ ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬) ।

ପ୍ରଭୁ ପରମେଶ୍ୱରଙ୍କ ଉପାସନା କରିବା, ଗୌରବାନ୍ୱିତ କରିବା ଆମ୍ଭମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟହେଉ ! ତାହାଙ୍କ ଦୃଷ୍ଟିରେ ଆମ୍ଭମାନଙ୍କ ଜୀବନକ୍ଷଣକେ ଦୃଶ୍ୟହୋଇ ଅଦୃଶ୍ୟହେବା ବାଷ୍ପସଦୃଶ । ଆସ ଆମ୍ଭେମାନେ ନମ୍ରତା ସହ ସେହି ମହାନ୍ ପିତା ପରମେଶ୍ୱରଙ୍କ ଉପାସନା କରୁ !

## ୫) ଭକ୍ତି ସହ ତାହାଙ୍କ ଉପସନା କରୁ :-

ପିତା ପରମେଶ୍ୱର ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ଏବଂ ପ୍ରଭୁ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଅଟନ୍ତି । ଆମ୍ଭମାନଙ୍କୁ ସେମାନଙ୍କ ବାକ୍ୟ, ଭକ୍ତି, ଶ୍ରଦ୍ଧା ଆଜ୍ଞାବହ ହେବା ଆବଶ୍ୟକତ । ଦାଉଦ

ମହାତ୍ମଙ୍କ କହନ୍ତି, "..... ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ ।" (ଗୀତ ୧୧୧:୯) । "ଅତଏବ, ଅଟଳ ରାଜ୍ୟ ପ୍ରାପ୍ତ ହେବାରୁ ଆସନ୍ତୁ ଆମ୍ଭେମାନେ କୃତଜ୍ଞ ହୋଇ ଭୟ ଓ ଭକ୍ତି ସହକାରେ ଈଶ୍ୱରଙ୍କ ସନ୍ତୋଷଜନକ ଉପାସନା କରୁ ।" (ଏବ୍ରୀ ୧୨:୨୮) ।

ଶୁଦ୍ଧ, ସରଳ, ନମ୍ର ଓ ଆନ୍ତରିକତା ଧନ୍ୟବାଦ ସହ ତାହାଙ୍କ ସମ୍ମୁଖକୁ ଆସି ତାହାଙ୍କ ଗ୍ରହଣ ଯୋଗ୍ୟ ଉପାସନା ଆସନ୍ତୁ ଆମ୍ଭେ କରୁ । ଏହି ପ୍ରକାରେ ଉପାସନା କରିବା ଦ୍ୱାରା, ପାଉଲଙ୍କ କଲସୀ ୩:୧୭ ପଦରେ କଥିତ ବାକ୍ୟ ଆମ୍ଭମାନଙ୍କ ଜୀବନରେ ସଫଳ ହୋଇଥାଏ । ଯାହା କହେ, "ଆଉ, ବାକ୍ୟ କି କର୍ମରେ ତୁମ୍ଭେମାନେ ଯାହା କର, ସେ ସମସ୍ତ ପ୍ରଭୁ ଯୀଶୁଙ୍କ ନାମରେ କର ତାହାଙ୍କ ଦ୍ୱାରା ପିତା ଈଶ୍ୱରଙ୍କୁ ଧନ୍ୟବାଦ ଦିଅ ।"

ପ୍ରଥାନୁଯାୟୀ କିଅବା ବାଧ୍ୟ ବାଧକତା ଯୋଗୁଁ ଉପାସନା । ବ୍ୟର୍ଥ ଉପାସନା । ଏହିପରି ଉପାସନା ଦ୍ୱାରା ଆମ୍ଭମାନଙ୍କ ଆତ୍ମା ନିମନ୍ତେ ଫଳପ୍ରଦ ନୁହେଁ । ଯେଉଁ ଈଶ୍ୱର ସର୍ବଶକ୍ତିମାନ, ସୃଷ୍ଟିକର୍ତ୍ତା, ଓ ଆମ୍ଭମାନଙ୍କ ପରିପାଳକ ଅଟନ୍ତି । ତାହାଙ୍କରି ନମ୍ର ଓ ଭକ୍ତି ସହ-ଉପାସନା କାରେ ବର୍ତ୍ତମାନ ଓ ଯୁଗେ ଯୁଗେ ଗୌରବ ହେଉ । ଆସ, ଆତ୍ମା ଓ ସତ୍ୟତାରେ ତାହାଙ୍କ ଉପାସନା କରୁ ।"

J. C. Choate

# କାଲେବଙ୍କ ଦୃଷ୍ଟିକୋଣ

ପୁରାତନ ନିୟମରେ ଲିଖିତ ଅନେକ ରମାଞ୍ଚକ କାହାଣୀ ଗୁଡ଼ିକ ସବୁକାଳରେ ସମସ୍ତ ଶ୍ରେଣୀର ଲୋକଙ୍କୁ ଆକୃଷ୍ଟ କରିଅଛି । ଗଣନା ପୁସ୍ତକ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଅଧ୍ୟାୟରେ ଲିଖିତ କାହାଣୀ ସେଥିରୁ ଅନ୍ୟତମ । ମିଶର ଦେଶର ଦାସତ୍ୱରୁ ମୁକ୍ତ ହେବାପରେ ମୋଶା ଇଶ୍ରାୟେଲ ସନ୍ତାନ ମାନଙ୍କୁ ସିନୟ ପ୍ରାନ୍ତର ପ୍ରବେଶ କରାଇ କିଣାନ ଦେଶର ଦକ୍ଷିଣସ୍ଥଳ ସୀମାକୁ କଢ଼ାଇ ନେଲେ । ଏହି ସ୍ଥଳରୁ ସେ କିଣାନ ଦେଶ ଅନୁସନ୍ଧାନ କରିବା ନିମନ୍ତେ ଦ୍ୱାଦଶ ଇଶ୍ରାୟେଲ ଗୋଷ୍ଠୀରୁ ଦ୍ୱାଦଶଙ୍କୁ ମନୋନୀତ କରି ଗୁପ୍ତଚର ରୂପେ ପଠାଇଲେ । ମୋଶାଙ୍କ ଜ୍ଞାନଯୁକ୍ତ କୌଶଳ ପ୍ରତିଫଳରେ ସେ କିଣାନ ଦେଶର ଏକ ପ୍ରତିଚ୍ଛବି ପାଇ ପାରିଲେ । ତାହା ପ୍ରକୃତରେ ଦୁଗ୍ଧ ଓ ମଧୁ ପ୍ରବାହିତ ହେଉଥିବା ଦେଶ । ଚାଳିଶି ଦିନ ଦେଶ ଅନୁସନ୍ଧାନ ପରେ ସେମାନେ ସେଠାକାର ଦ୍ରାକ୍ଷାଫଳ, ଡାଳିମ୍ବ ଓ ଡିମ୍ବିରି ଫଳ ନେଇ ଫେରି ଆସିଲେ । ଏକ ପେଣ୍ଡା ଦ୍ରାକ୍ଷାଫଳ ଏତେ ବଡ଼ ଥିଲା ଯେ, ଦୁଇଜଣ ସାଙ୍ଗରେ ତାକୁ ବହି ଆଣିଲେ (ଗଣନା ୧୩: ୨୩) ।

ଦ୍ୱାଦଶ ଗୁପ୍ତଚରମାନଙ୍କ ମଧ୍ୟରୁ ଦଶଜଣ ସେହି ଦୁଗ୍ଧ ମଧୁ ପ୍ରବାହିତ ଦେଶର ବଳବାନ ନିବାସୀ ପ୍ରାଚୀର ବେଷ୍ଟିତ ଅତି ବଡ଼ ନଗର ଓ ଅନାକୀର ସନ୍ତାନମାନଙ୍କୁ ଦେଖି ଆପଣାକୁ ଫଡ଼ିଙ୍ଗ ପରି ମନେ କଲେ । ସେମାନେ ମୋଶାଙ୍କୁ କହିଲେ, "ଆଉ ସେ ସ୍ଥାନରେ ଆମ୍ଭେମାନେ ମହାବୀରଜାତ ଅନାକର ସନ୍ତାନ ମହାବୀର ଗଣକୁ ଦେଖିଲୁ, ଆଉ ଆମ୍ଭେମାନେ ଆପଣମାନଙ୍କ ଦୃଷ୍ଟିରେ ଫଡ଼ିଙ୍ଗ ପରି ହେଲୁ ଓ ସେମାନଙ୍କ ଦୃଷ୍ଟିରେ ମଧ୍ୟ ସେରୂପ ଥିଲୁ । (ଗଣନା ୧୪.୩୩) । ଏହି ଦଶଜଣ ଭପ୍ତାନ୍ତଙ୍କ ବର୍ଣ୍ଣନା ଇଶ୍ରାୟେଲ ମଣ୍ଡଳୀରେ କୋହଳ ଓ ବେଦନ ସୃଷ୍ଟି କଲା । ସେମାନେ ପୁନଃର୍ବାର ମିସର ଦେଶକୁ ଫେରି ଯିବାକୁ ଚାହିଁଲେ । ଦ୍ୱାଦଶ ମଧ୍ୟରୁ ଅନ୍ୟ ଦୁଇଜଣ ଯିହୋଶୂୟ ଓ କାଲେବଙ୍କ ଉତ୍ସାହଜନକ ବର୍ଣ୍ଣନା ନିମନ୍ତେ ଇଶ୍ରାୟେଲ

ସନ୍ତାନମାନେ ସେମାନଙ୍କୁ ପଥର ମାରିଥିଲେ । କଣାନ୍ ଦେଶର ବନବାନ ନିବାସୀ କିଅବା ଅତି ବଡ଼ ପ୍ରାଚୀର ବେଷ୍ଟିତ ନଗରଗୁଡ଼ିକ କାଲେବଙ୍କୁ ଭୟଭୀତ କରି ପାରି ନ ଥିଲା । ବରଂ ସେ ଦୁଗ୍ଧ ମଧୁ ପ୍ରବାହ କଣାନର ସୌନ୍ଦର୍ଯ୍ୟତା ତାଙ୍କୁ ପ୍ରଭାବିତ କରିଥିଲା । (ଗଣନା ୧୩:୨୭) । କଣାନ ଦେଶରେ ତାହାଙ୍କ ନିମନ୍ତେ ସଞ୍ଚିତ ଆଶୀର୍ବାଦ ଗୁଡ଼ିକର ତୁଳନାରେ ଶତ୍ରୁର ଭୟ ତୁଚ୍ଛ ମନେ କଲେ । କାରଣ ପ୍ରେରିତ ପାଉଲଙ୍କ ଭାଷାରେ "କାରଣ ମୋ ବିଚାରରେ ଯେଉଁ ଗୌରବ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହେବ, ତାହା ତୁଳନାରେ ଏହି ବର୍ତ୍ତମାନ କାଳର ଦୁଃଖ ଭୋଗ କିଛି ହିଁ ନୁହେଁ ।" (ରୋମୀୟ ୮:୧୮) ଦଶଜଣ ଭୟାକ୍ରାନ୍ତ ଗୁପ୍ତଚରଙ୍କ କଥାରେ ଧ୍ୟାନ ଦେଇ ଇସ୍ରାଏଲ ସନ୍ତାନମାନେ ସଦାପ୍ରଭୁଙ୍କ ବିରୁଦ୍ଧାଚରଣ କଲେ । ତାହାର ଫଳରେ, ଯିହୋଶୂୟ ଓ କାଲେବଙ୍କ ବ୍ୟତୀତ ମିସରରୁ ବାହାରି ଆସିଥିବା ଇସ୍ରାଏଲ ସନ୍ତାନମାନଙ୍କ ମଧ୍ୟରୁ କେହି ଦୁଗ୍ଧ ମଧୁ ପ୍ରବାହି ଦେଶରେ ପ୍ରବେଶ କରି ପାରିଲେ ନାହିଁ । କିନ୍ତୁ ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁମାନଙ୍କ ଉପରେ ଯୁଗାନ୍ତ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା ନିମନ୍ତେ ସେହି ସବୁ ଲେଖାଯାଇଅଛି ।" (୧ମ କରିନ୍ଥୀ ୧୦:୧୧) ତେବେ ଉପରୋକ୍ତ କାହାଣୀ ଆମ୍ଭମାନଙ୍କୁ କଅଣ ଚେତନା ଦିଏ ?

ପ୍ରତିଜ୍ଞାତ ଦେଶରେ ସ୍ୱର୍ଗୀୟ ଆଧ୍ୟାତ୍ମିକ ସମ୍ପଦର ଆଧାରରେ ଅନେକ ଆଶୀର୍ବାଦ ସଞ୍ଚିତ ଅଛି । ଆମ୍ଭମାନଙ୍କ ଶତ୍ରୁ ଶୟତାନ ଆମ୍ଭମାନଙ୍କ ଦୁର୍ବଳତା ସୁଯୋଗରେ ଆମ୍ଭମାନଙ୍କୁ ପଥଭ୍ରଷ୍ଟ କରିବାରେ ଲାଗି ରହିଥାଏ । [illegible] ଜଞ୍ଜାଳଗ୍ରସ୍ତ ରହ । ତୁମ୍ଭମାନଙ୍କ ବିପକ୍ଷ ଶୟତାନ ସିଂହ ପ୍ରାୟ, ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଅନ୍ୱେଷଣ କରି ବୁଲୁଅଛି । [illegible] ଆମ୍ଭମାନଙ୍କ ସନ୍ଦେହ, ଅବିଶ୍ୱାସ [illegible] ଆମ୍ଭମାନଙ୍କର ଜୀବନ ନଷ୍ଟ କରି ପାରିବ ନାହିଁ । ସେହି ଦଶଜଣ ଗୁପ୍ତଚର ମାନଙ୍କ ସଦୃଶ ନିରୁତ୍ସାହ ହେଲେ, ଆମ୍ଭମାନଙ୍କ ବିପକ୍ଷ ଶତ୍ରୁମାନେ ବଦାନ୍ୟୀ ହେବ । [illegible]

ନିରୁତ୍ସାହ ମନୁଷ୍ୟ ମାନଙ୍କ ଜୀବନକୁ ଫିଙ୍ଗଙ୍କର ସଦୃଶ୍ୟ କରିଦିଏ । ନିରୁତ୍ସାହିତ ଓ ପରାଜିତ ଖ୍ରୀଷ୍ଟିୟାନ ଈଶ୍ରାୟେଲ ସନ୍ତାନ ମାନଙ୍କ ପରି ପୁନର୍ବାର ପାପର ଦାସତ୍ୱକୁ ଫେରିଯିବାକୁ ମନସ୍ଥା କରନ୍ତି ।

ଖ୍ରୀଷ୍ଟିୟାନ ମାନଙ୍କ ବିଷୟରେ ପ୍ରେରିତ ପାଉଲ କହନ୍ତି, "ଖ୍ରୀଷ୍ଟ ଯୀଶୁ ଆମ୍ଭମାନଙ୍କୁ ସମସ୍ତ ଅଧର୍ମରୁ ମୁକ୍ତକରିବାକୁ ଓ ଆପଣା ନିମନ୍ତେ ସତ୍କର୍ମରେ ଉଦ୍‌ଯୋଗୀ ନିଜସ୍ୱ ଲୋକ ସ୍ୱରୂପ ଶୁଦ୍ଧ କରିବାକୁ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ଦେଲେ ।" (ତୀତସ ୨:୧୪)। ଈଶ୍ରାୟେଲ ସନ୍ତାନମାନେ କିଣାନ ଦେଶ ଅଧିକାର କରିବାର ଅନେକ ବର୍ଷ ପରେ ପାଲେଷ୍ଟିୟ ଓ ଈଶ୍ରାୟେଲ ମାନଙ୍କ ସମୟରେ ଗୋଟିଏ ଘଟଣା ଘଟିଥିଲା । ତାହା ଆମ୍ଭେମାନେ ପ୍ରଥମ ଶାମୁୟେଲ ୧୭ତମ ଅଧ୍ୟାୟରେ ପଢ଼ିପାରୁ । ପାଲେଷ୍ଟିୟମାନେ ପର୍ବତର ଏକ ପାର୍ଶ୍ୱରେ ଠିଆ ହେଲେ ଓ ଈଶ୍ରାୟେଲ ପର୍ବତର ଅନ୍ୟ ପାର୍ଶ୍ୱରେ ପୁଣି ଉଭୟଙ୍କ ମଧ୍ୟରେ ଉପତ୍ୟକା ଥିଲା । ଗାଥ ନିବାସୀ ଗଲିୟାତ ନାମକ ଏକ ମଲ୍ଲଯୋଦ୍ଧା ପାଲେଷ୍ଟୀୟ ଛାଉଣୀରେ ଠିଆହୋଇ ଈଶ୍ରାୟେଲ ସୈନ୍ୟକୁ ଉତ୍ତ୍ୟକ୍ତ କଲା । ମଲ୍ଲଯୋଦ୍ଧା ଗଲିୟାତର ଯୁଦ୍ଧଡାକରା ଈଶ୍ରାୟେଲ ସୈନ୍ୟ ଛାଉଣୀରେ ଆତଙ୍କ ସୃଷ୍ଟି କରିଥିଲା । ସେମାନେ ଆପଣଙ୍କୁ ୨ 'ଫିଙ୍ଗ' ସଦୃଶ ମନେକଲେ । କିନ୍ତୁ ସଦାପ୍ରଭୁ ବାଳକ ଦାଉଦଙ୍କ ସହବର୍ତ୍ତୀ ହୋଇ ତାହାଙ୍କ ଦ୍ୱାରା ଈଶ୍ରାୟେଲକୁ ବିଜୟୀ କରିଥିଲା । ଦାଉଦ ସେହି ଯୁଦ୍ଧରେ ବିଜୟୀ ହୋଇଥିଲେ, କାରଣ ସେହି "ଯୁଦ୍ଧ ସଦାପ୍ରଭୁଙ୍କର" ଥିଲା । ୧ମ ପିତର ୩:୧୩ରେ ପିତର ପ୍ରଶ୍ନ କରନ୍ତି, "ଆଉ ତୁମ୍ଭେମାନେ ଯଦି ଉତ୍ତମ ବିଷୟରେ ଉଦ୍‌ଯୋଗୀ ହୁଅ, ତେବେ କିଏ ତୁମ୍ଭମାନଙ୍କର ଅନିଷ୍ଟ କରିବ ?" ତାହା ପ୍ରଶ୍ନରେ ହିଁ ଆମ୍ଭେମାନେ ତାହାର ଉତ୍ତର ପାଇପାରିବା ।

ଆମ୍ଭମାନଙ୍କୁ ନିରୁତ୍ସାହ କରି ପଥରୋଧ କରିବା ନିମନ୍ତେ ଶୟତାନ ଆପଣା ସୈନ୍ୟର ପ୍ରତ୍ୟେକ ମଲ୍ଲଯୋଦ୍ଧା ଆମ୍ଭମାନଙ୍କ ବିରୁଦ୍ଧରେ ପ୍ରୟୋଗ କରିବ। ଆମ୍ଭମାନଙ୍କୁ ପଥଭ୍ରଷ୍ଟ କରିବା ନିମନ୍ତେ ସେ ଆପଣା ପ୍ରତ୍ୟେକ କୌଶଳ ବ୍ୟବହାର କରିବ । ବିଶ୍ୱସ୍ତର

ଗୋଟିଏ ଚକଣ ପଥର ଓ ଗୁଟିଣୀ ବ୍ୟବହାର କରି ପାଲେଷ୍ଟୀୟ ମହା ମଲ୍ଲଯୋଦ୍ଧାକୁ ପରାସ୍ତ କରିଥିଲେ ।

ଖ୍ରୀଷ୍ଟିୟାନର ଯୁଦ୍ଧ ଶାରୀରିକ ଯୁଦ୍ଧନୁହେଁ, କିଅବା ତାହାର ଅସ୍ତ୍ରଶସ୍ତ୍ର ଲୌହରେ ନିର୍ମିତ ନୁହେଁ । ଖ୍ରୀଷ୍ଟିୟାନର ଶତ୍ରୁ, ମଲ୍ଲଯୋଦ୍ଧା ଠାରୁ ମଧ୍ୟ ବଳବାନ । ତାହାର ଶତ୍ରୁ ତାହାର ଶରୀର ତଥା ଆତ୍ମା ମଧ୍ୟ ବିନଷ୍ଟ କରିପାରେ । (ମାଥିଉ ୧୦:୨୮) । କିନ୍ତୁ କାଲେବ ଓ ଦାଉଦଙ୍କ ସଦୃଶ୍ୟ ଆମ୍ଭେମାନେ ବିଶ୍ୱାସ ଓ ସାହସ ସହ ଦୃଢ଼ ସଂକଳ୍ପିତ ହେଲେ, ସଦାପ୍ରଭୁ ଆମ୍ଭମାନଙ୍କ ସାହାଯ୍ୟ କରିବାରେ ସଦା ପ୍ରସ୍ତୁତ । (ଏଫିସୀ ୬:୧୦-୧୭) ଗୁଡ଼ିକରେ ପାଉଲ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କ ଶତ୍ରୁ ଓ ତାହାଙ୍କୁ ବିଜୟୀ ହାସଲ କରିବାର ଅସ୍ତ୍ରଶସ୍ତ୍ର ବିଷୟରେ ମଧ୍ୟ ବର୍ଣ୍ଣନା କରି ଅଛନ୍ତି । ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ କିନ୍ତୁ ଶୟତାନ ଗୁରୁଙ୍କ ବିରୁଦ୍ଧରେ । ସେହି ଯୁଦ୍ଧରେ ଜୟୀ ହେବା ନିମନ୍ତେ "ଆତ୍ମାଙ୍କ ଖଡ଼୍ଗ ଅର୍ଥାତ ଈଶ୍ୱରଙ୍କ ବାକ୍ୟ" ଧାରଣ କରିବା ନିମନ୍ତେ ପାଉଲ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଉତ୍ସାହିତ କରନ୍ତି ।" ଅତଏବ ହେ ମୋହର ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କ ପରିଶ୍ରମ ଯେପରି ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହିବା ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହୁଅ ।" "ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନ ହେଉ, କାରଣ କ୍ଳାନ୍ତ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା ।" (୧ମ କରନ୍ଥୀ ୧୫:୫୮ ଓ ଗାଲାତ୍ତ ୬:୯) ।

—James Rickward

## ପ୍ରତିଜ୍ଞାତ ଦେଶରେ ଇଶ୍ରାୟେଲର ବସତି ସ୍ଥାପନ

ମିସର ଦାସତ୍ୱରୁ ମୁକ୍ତ ହୋଇ ଇଶ୍ରାୟେଲ ଗୋଷ୍ଠୀ ଚାଳିଶି ବର୍ଷର ପ୍ରାନ୍ତରରେ ଭ୍ରମଣ କଲେ । ମୋଶା ଓ ତତ୍ପରେ ଯିହୋଶୂୟଙ୍କ ନେତୃତ୍ୱରେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପରମେଶ୍ୱରଙ୍କ ବାହୁ ବଳର ସାହାଯ୍ୟରେ ତାହା ହସ୍ତଗତ କଲେ । ଯିହୋଶୂୟ ୧୪ ଅଧ୍ୟାୟର ଶେଷ ଭାଗରେ ଇଶ୍ରାୟେଲ ଯୁଦ୍ଧରୁ ବିଶ୍ରାମ ନେବା ବିଷୟ କୁହାଯାଏ । ଦ୍ୱାଦଶ ଗୋଷ୍ଠୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରଦେଶ ମନୋନୀତ କରିବା ଓ ଆପଣା ପରମେଶ୍ୱରଙ୍କ ନିକଟରେ ଉତ୍ସର୍ଗ କରିବାର ସମୟ ଉପସ୍ଥିତ ହେଲା । (୨ୟ ବିବରଣ ୧୨:୧୦-୧୧) । 'ଶୀଲୋ'ରେ ଯାହାର ଅର୍ଥ "ବିଶ୍ରାମ" ପରମେଶ୍ୱରଙ୍କ ସମାଗମ - ତମ୍ବୁ ସ୍ଥାପନ କରାଗଲା । ଆମ୍ଭମାନଙ୍କ ଅନ୍ତିମ ବିଶ୍ରାମର କାରକ ମଶୀହଙ୍କୁ ମଧ୍ୟ "ଶୀଲୋ" ବା ଶାନ୍ତି ରାଜା ରୂପେ ପରିଚିତ । (ଆଦି ୪୯:୧୦) ।

ମହାଯାଜକ ଏଲିଙ୍କ ସମୟ ପର୍ଯ୍ୟନ୍ତ ପରମେଶ୍ୱରଙ୍କ ସିନ୍ଦୁକ ଶୀଲୋରେ ଥିଲା । ପାଲେଷ୍ଟୀୟ ମାନଙ୍କ ସହିତ ଯୁଦ୍ଧରେ ପରାସ୍ତ ହେବାର ଭୟରେ, ଇଶ୍ରାୟେଲମାନେ ପରମେଶ୍ୱରଙ୍କ ସିନ୍ଦୁକ ଯୁଦ୍ଧ କ୍ଷେତ୍ରକୁ ନେଇଥିଲେ, କାରଣ ପରମେଶ୍ୱରଙ୍କ ଶକ୍ତି ସିନ୍ଦୁକରେ ଅଛି ବୋଲି ସେମାନଙ୍କ ଦୃଢ଼ ବିଶ୍ୱାସ ଥିଲା । କିନ୍ତୁ ପରମେଶ୍ୱର ଇଶ୍ରାୟେଲର ସହବର୍ତ୍ତୀ ନ ହେବାରୁ, ସେମାନେ ପରାସ୍ତ ହେଲେ ଏବଂ ସିନ୍ଦୁକ ପଲେଷ୍ଟୀୟମାନଙ୍କ ହସ୍ତଗତ ହେଲା । (ଗୀତ ୭୮:୫୫-୬୧, ଯିରିମିୟ ୭:୧୨, ୨୬:୬) ।

ଶୀଲୋରେ ସିନ୍ଦୁକର ସ୍ଥାପନ ପରେ, ଯିହୋଶୂୟ ଦେଶ ବିଭାଜନର କାର୍ଯ୍ୟ ଆରମ୍ଭ କଲେ । ଇଶ୍ରାୟେଲର ଦୁଇ ଗୋଷ୍ଠୀ ଓ ମନଃଶିର ଅର୍ଦ୍ଧଗୋଷ୍ଠୀ ଯର୍ଦ୍ଦନ ସେ ପାରିରେ ଆପଣା ଅଧିକାର ପାଇଥିଲେ । ଅଧିକାର ଅପ୍ରାପ୍ତ ଅବଶିଷ୍ଟ ସାତ ବଂଶକୁ ଯିହୋଶୂୟ କହିଲେ, "ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବ ପୁରୁଷଗଣର ପରମେଶ୍ୱର

ତୁମ୍ଭମାନଙ୍କୁ ଯେଉଁ ଦେଶ ଦେଇ ଅଛନ୍ତି, ସେଠାକୁ ଯାଇ ତାହା ଅଧିକାର କରିବାକୁ ତୁମ୍ଭମାନେ କେତେକାଳ ଆଳସ୍ୟ କରିବ ? ତୁମ୍ଭେମାନେ ପ୍ରତ୍ୟେକ ବଂଶ ପାଇଁ ତିନତିନ ଜଣ ଦିଅ ? ତହିଁରେ ଆମ୍ଭେ ସେମାନଙ୍କୁ ପଠାଇବା, ସେମାନେ ଉଠି ଦେଶ ଦେଇ ଭ୍ରମଣ କରି ଲୋକମାନଙ୍କ ଅଧିକାରାନୁସାରେ ତାହା ଲେଖି ଆମ୍ଭ ନିକଟକୁ ଫେରି ଆସିବେ ।" (ଯିହୋଶୂୟ ୧୮:୩-୪) ।

ସେମାନେ ଦେଶ ଭ୍ରମଣକରି ଫେରି ଆସିବା ପରେ, ଦେଶ କିପରି ଭାବେ ବିଭକ୍ତ କରି ବାଣ୍ଟି ଦିଆ ଗଲା ତାହାର ବିବରଣ ଆମ୍ଭେମାନେ ଯିହୋଶୂୟ ୧୮:୧୧-୧୯,୨୮ ପଦରେ ପଢ଼ିପାରୁ । ଯିହୋଶୂୟ, ଯାଜକ ଏଲୀଆଜର ଓ ପ୍ରତ୍ୟେକ ଗୋଷ୍ଠୀର ପ୍ରଧାନଙ୍କ ସାହାଯ୍ୟରେ ଏହି କାର୍ଯ୍ୟସମାପନ କରାଗଲା । ଯିବୂଷ ନଗର ଯାହାକି ପରେ ଯିରୁଶାଲମ ରୂପେ ଖ୍ୟାତ ହେଲା, ବିନ୍ୟାମୀନ ଗୋଷ୍ଠୀର ଅଧିକାରରେ ପଡ଼ିଲା, ୨ୟ ବିବରଣ ୩୩:୧୨ ପଦର ସଦାପ୍ରଭୁ ପ୍ରିୟ ଲୋକ ତାହାଙ୍କ ନିକଟରେ ନିର୍ଭୟରେ ବାସ କରିବ, ସେ ଦିନଯାକ ତାହାକୁ ଆବୋରି ରଖନ୍ତି ଓ ସେ ତାହାର ସ୍କନ୍ଧଦ୍ୱୟ ମଧ୍ୟରେ ବାସକରନ୍ତି ।" ମୋଶାଙ୍କ ଭାବବାଣୀ ଏଠାରେ ସଫଳହେଲା କାରଣ ବିନ୍ୟାମୀନ ଅଧିନସ୍ଥ ଯିରୁଶାଲମରେ ପରମେଶ୍ୱରଙ୍କ ମନ୍ଦିର ସ୍ଥାପିତ ହୋଇଥିଲା ।

ଦେଶ ବିଭାଜନର କାର୍ଯ୍ୟ ସମାପନ ହେବାପରେ ଯିହୋଶୂୟ ଆପଣା ଅନୁରୋଧାନୁଯାୟୀ ଇଫ୍ରୟିମ ପର୍ବତସ୍ଥ ଦେଶରେ ତିମନ୍ତ - ସେରହ ପ୍ରାପ୍ତ ହେଲେ । କାରଣ ସେ ଇଫ୍ରୟିମ ବଂଶଜ ଥିଲେ । କିଣାନ - ଦେଶ ଅନୁସନ୍ଧାନ କରିବା ନିମନ୍ତେ ପ୍ରେରିତ ଦ୍ୱାଦଶରୁ ଜଣେ, ଯିହୋଶୂୟଙ୍କ ନିର୍ଭୟ ବାର୍ତ୍ତା ନିମନ୍ତେ କାଲେବଙ୍କ ସଦୃଶ୍ୟ ଯିହୋଶୂୟ ମଧ୍ୟ ଆପଣା ମନ ମୁତାବକ୍ ପ୍ରଦେଶ ପୁରସ୍କାର ରୂପେ ପାଇଥିଲେ । (ଗଣନା ୧୩:୮)

ଅଜ୍ଞାତସାରରେ ଆପଣା ପ୍ରତିବାସୀଙ୍କୁ ବଧ କରିଥିବା ହତ୍ୟାକାରୀମାନେ ପଳାଇ ଯାଇ ଯେପରି ରକ୍ଷା ପାଇପାରନ୍ତି, ସେଥି

ନିମନ୍ତେ ଆଶ୍ରୟ ନଗର ନିର୍ମାଣ କରିବା ପାଇଁ ସଦାପ୍ରଭୁ ମୋଶାଙ୍କୁ ଆଦେଶ ଦେଇଥିଲେ (ଗଣନା ୩୫:୯-୩୩, ୨ୟ ବିବରଣ ୪ ୪୧-୪୩ ୧୯:୧-୨୧) । ସଦାପ୍ରଭୁ ପରମେଶ୍ୱର ସେହି ଆଶ୍ରୟ ନଗର ଗୁଡ଼ିକ ନିରୂପଣ କରିବା ନିମନ୍ତେ ଯିହୋଶୂୟଙ୍କୁ ଆଜ୍ଞା ଦେଲେ । (୨୦ ପର୍ବ) "କେହି ଭ୍ରାନ୍ତିରେ ନରହତ୍ୟା କଲେ, ମଣ୍ଡଳୀ ସାକ୍ଷାତରେ ଠିଆ ହେବା ପର୍ଯ୍ୟନ୍ତ ସେହି ସ୍ଥାନକୁ ପଳାଇ ଯେପରି ରକ୍ତ-ପ୍ରତିହନ୍ତାର ହସ୍ତରେ ନ ମରେ, ଏଥିନିମନ୍ତେ ଇଶ୍ରାୟେଲ ସନ୍ତାନ ସମସ୍ତଙ୍କ ପାଇଁ ଓ ସେମାନଙ୍କ ମଧ୍ୟରେ ପ୍ରବାସକାରୀ ବିଦେଶୀ ଲୋକ ପାଇଁ ଏସବୁ ନଗର ନିରୂପିତ ହେଲେ ।" (୨୦:୯) ନିଷ୍ଠୁର ନରହତ୍ୟାକାରୀ-ସୁରକ୍ଷା ନିମନ୍ତେ ଏହି ନଗର ଗୁଡ଼ିକ ସ୍ଥାପନର ଉଦ୍ଦେଶ୍ୟ ନଥିଲା । କିନ୍ତୁ ନରହତ୍ୟାକାରୀର ସରଳତା ପ୍ରମାଣ କରିବା ପର୍ଯ୍ୟନ୍ତ ସେମାନେ ଯେପରି ନିରାପଦରେ ବଞ୍ଚି ପାରିବେ, ସେଥି ନିମନ୍ତେ ଏହି ନଗର ଗୁଡିକ ସ୍ଥାପିତ ହୋଇଥିଲା । ଏବ୍ରୀ ପୁସ୍ତକ କର୍ତ୍ତାନୁଯାୟୀ ଖ୍ରୀଷ୍ଟ ଆମ୍ଭମାନଙ୍କ ଆଶ୍ରୟସ୍ଥଳ ଅଟନ୍ତି । (ଏବ୍ରୀ ୬:୧୮-୧୯) ।

ଓଲବୀ ସନ୍ତାନମାନଙ୍କ ପଶୁପାଳନ ନିମନ୍ତେ ଦତ୍ତ ନଗର ଗୁଡ଼ିକର ନାମ ଆମ୍ଭେମାନେ ଯିହୋଶୂୟ ୨୧:୧-୪୨ ପଦ ଗୁଡ଼ିକରେ ପଢ଼ି ପାରୁ । "ସଦାପ୍ରଭୁ ଇଶ୍ରାୟେଲୀୟମାନଙ୍କୁ ଯେ ୨ ଦେଶ ଦେବାକୁ ସେମାନଙ୍କ ପୂର୍ବପୁରୁଷଗଣ ନିକଟରେ ଶପଥ କରିଥିଲେ । ସେ ସମସ୍ତ ଦେଶ ସେ ସେମାନଙ୍କୁ ଦେଲେ । ଆପଣା ସମସ୍ତ ଶପଥ ଅନୁସାରେ ଗୃହଆଡ଼େ ସେମାନଙ୍କୁ ବିଶ୍ରାମ ଦେଲେ, ପୁଣି ସେମାନଙ୍କ ଶତ୍ରୁମାନଙ୍କ ମଧ୍ୟରୁ କେହି ସେମାନଙ୍କ ସମ୍ମୁଖରେ ଠିଆ ହୋଇ ପାରିଲା ନାହିଁ । ସଦାପ୍ରଭୁ ସେମାନଙ୍କ ସମସ୍ତ ଶତ୍ରୁଙ୍କୁ ସେମାନଙ୍କ ହସ୍ତରେ ସମର୍ପଣ କଲେ । (୨୦:୪୩-୪୪) । ପରମେଶ୍ୱର ଆପଣା ପ୍ରତ୍ୟେକ ପ୍ରତିଜ୍ଞା ପୂରଣ କଲେ ଶ୍ରାୟେଲମାନେ ଆନାଜ୍ଞାବହତା ଯୋଗୁଁ ତାହାଙ୍କ ପ୍ରତ୍ୟେକ ଆଶୀଷର ଭାଗ ହୋଇ ପାରିଲେନାହିଁ (ଯାତ୍ରା ୩୩:୧୪, ଦ୍ୱିତୀୟ ବିବରଣ ୧୨:୯-୧୦)

**Gary C. Hampton**

# ଯୀଶୁ କିଏ ?

ଯୀଶୁ କିଏ ? ତାହାଙ୍କ ଏହି ପୃଥିବୀର ଅବତୀର୍ଣ୍ଣ ହେବା ସମୟ ଠାରୁ ଏହି ପ୍ରଶ୍ନ ପ୍ରତ୍ୟେକଙ୍କ ମନରେ ଉଠି ଆସୁଛି । " ଏହି ମନୁଷ୍ୟ କିଏ ? ସେ କି କେବଳ ଏକ ମାନବ କିଅବା ଜଗତର ମୁକ୍ତି କର୍ତ୍ତା ଈଶ୍ୱରଙ୍କ ପୁତ୍ର ଅଟନ୍ତି ?" ପବିତ୍ର ଧର୍ମଶାସ୍ତ୍ରରୁ ସେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଜଗତର ଉଦ୍ଧାର କର୍ତ୍ତା ବୋଲି ଜାଣିପାରୁ ।

ସର୍ବ ପ୍ରଥମେ ବାଇବଲରେ ଯୀଶୁଖ୍ରୀଷ୍ଟଙ୍କୁ "ଈଶ୍ୱର" ରୂପେ ଉପସ୍ଥାପିତ କରେ । ଯିଶାଇୟ ଭବିଷ୍ୟତ ବକ୍ତା ତାହାଙ୍କୁ "ପରାକ୍ରାନ୍ତ ପରମେଶ୍ୱର ବୋଲି ୯:୬-୭ ପଦରେ ଲେଖନ୍ତି । ଯୋହନ ୧:୧-୩ ୧୪ ରେ, ମନୁଷ୍ୟମାନଙ୍କ ମଧ୍ୟରେ ନିବାସ କରିଥିବା "ବାକ୍ୟ ରୂପୀ ଈଶ୍ୱର" ସ୍ୱରୂପ ବର୍ଣ୍ଣନା କରାଯାଇଅଛି । ଏବ୍ରୀ ୧ : ୮ ପଦ ତାହାଙ୍କ ବିଷୟରେ ଏପରି କହେ, " ହେ ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳ ସ୍ଥାୟୀ ପୁଣି ନ୍ୟାୟର ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ ।" ଯୋହନ ୩.୧୬ ପଦରେ ଜଗତର ପାପ ମୋଚକ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ବୋଲି କୁହାଯାଇଅଛି । ସେ କେବଳ ଏକ ପ୍ରସିଦ୍ଧ ଶିକ୍ଷକ ନୁହନ୍ତି କିନ୍ତୁ ଈଶ୍ୱରଙ୍କ ବାକ୍ୟରୂପୀ ଅଦ୍ୱିତୀୟ ପୁତ୍ର ଅଟନ୍ତି ।

ଦ୍ୱିତୀୟରେ, ପ୍ରଶ୍ନ ଉଠେ, ଯଦି ସେ ଈଶ୍ୱର ଅଟନ୍ତି ତେବେ ସେ କି ସୃଷ୍ଟି କର୍ତ୍ତା ନୁହନ୍ତି ? ଯୋହନ ୧୦:୧-୩ ପଦ ଗୁଡ଼ିକରେ ଏହି ସମସ୍ତ ତାହାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା ବୋଲି ଜାଣିପାରୁ । ମନୁଷ୍ୟ କାହାଙ୍କୁ ଉପାସନା କରିବ ? ମାଥିଉ ୪:୧୦, ପ୍ରକାଶିତ ୧୯ : ୧୦ ଓ ୨୨:୯ ପଦ କହେ ମନୁଷ୍ୟ ଈଶ୍ୱରଙ୍କୁ ଉପାସନା କରିବା ଆବଶ୍ୟକ ବୋଲି କୁହାଯାଏ । କିନ୍ତୁ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିବା ବେଳେ ମନୁଷ୍ୟମାନଙ୍କ ଦ୍ୱାରା ଉପାସିତ ହେଉ

ଥିଲେ ବୋଲି ମାଥିଉ ୮ : ୨ ପଦ ଓ ୯:୧୮ ପଦରେ ପଢ଼ିପାରୁ । ଅର୍ଥାତ୍ ସେ ଉପାସନାପ୍ତ ଅନନ୍ତକାଳ ସ୍ଥାୟୀ ସୃଷ୍ଟିକର୍ତ୍ତା ପରମେଶ୍ୱର ଅଟନ୍ତି । ତାହାଙ୍କ ଦ୍ୱାରା ସମସ୍ତ ସୃଷ୍ଟି ହୋଇଅଛି ।

କଲସୀ ୧୦:୧୩-୨୦ ପଦ ଗୁଡ଼ିକ ଯୀଶୁଖ୍ରୀଷ୍ଟଙ୍କ ଦୈବତ୍ୱ ଓ ଅଧିପତ୍ୱ ବିଷୟରେ ପାଉଲ ସୁସ୍ପଷ୍ଟ କରନ୍ତି । ପୁନଃବାର ଏଫିସୀ ୨:୯-୧୧ ପଦରେ ପାଉଲ କହନ୍ତି, "ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରି ଅଛନ୍ତି । ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତହେବେ । ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁ ଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ । "ସେ ଭୂତ ଓ ଭବିଷ୍ୟତ ବକ୍ତା ମାନଙ୍କ ଠାରୁ ଉତ୍କୃଷ୍ଟ ଗୌରବର ଅଧିକାରୀ ଓ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର ଅଟନ୍ତି ।

ଚତୁର୍ଥରେ, ମନୁଷ୍ୟମାନଙ୍କ ପାପକ୍ଷମା ଦେବାର ଅଧିକାର କେବଳ ପରମେଶ୍ୱରଙ୍କ ଅଧୀନ । ଯୀଶୁ ଖ୍ରୀଷ୍ଟ ଏହି ଜଗତରେ ନିବାସ କରିବା ସମୟରେ ଅନେକଙ୍କ ପାପକ୍ଷମା ରୋଗୀକୁ ସୁସ୍ଥ କରୁଥିଲେ । ତାହାଙ୍କ ଏହି କର୍ମ ତାହାଙ୍କ ଦୈବିକତାର ସୁପ୍ରମାଣ କରେ ।

ଆଦି ୧:୨୬ ରେ ଲେଖାଯାଏ, ... ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଓ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ । ... ..." ଏଠାରେ "ଆମ୍ଭେମାନେ" ଅର୍ଥ ପିତା ପରମେଶ୍ୱର ଯୀଶୁ ଖ୍ରୀଷ୍ଟ ଓ ପବିତ୍ର ଆତ୍ମା । ଏହି ତିନି ଦୈବିକ ବ୍ୟକ୍ତିତ୍ୱ ଦ୍ୱାରା ଏହି ସମସ୍ତ ସୃଷ୍ଟି ହୋଇଥିଲା ।

ଶେଷରେ ଆଦି ୧୦:୩୦ ପଦରେ ଯୀଶୁ କହନ୍ତି, "ମୁଁ ଓ ପିତା ଏକ" ଅର୍ଥାତ୍ ପିତା ପରମେଶ୍ୱର ଓ ଯୀଶୁଖ୍ରୀଷ୍ଟଙ୍କ ଗୁଣାବଳୀ, ଉଦ୍ଦେଶ୍ୟ ଓ ଶିକ୍ଷା ଏକ ଅଟେ । ଥରେ ପ୍ରଭୁ ଯୀଶୁଙ୍କୁ କହିଲେ,

"ପ୍ରଭୋ, ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାନ୍ତୁ, ତାହା ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ । ଯୀଶୁ ତାହାଙ୍କୁ କହିଲେ, ଫିଲିପ, ଏତେକାଳ ମୁଁ ତୁମ୍ଭମାନଙ୍କ ସାଙ୍ଗରେ ଅଛି, ଆଉ ତୁମ୍ଭେ କଅଣ ମୋତେ ଜାଣିଲ ନାହିଁ ? ଯେ ମୋତେ ଦର୍ଶନ କରି ଅଛି, ସେ ପିତାଙ୍କୁ ଦର୍ଶନ କରି-ଅଛି, ଆମ୍ଭମାନଙ୍କୁ ପିତାଙ୍କୁ ଦର୍ଶନ କରାଉନ୍ତୁ ବୋଲି ତୁମ୍ଭେ କିପରି କହୁଅଛ ? (ଯୋହନ ୧୪:୮-୯) । ପିତା ପରମେଶ୍ୱର ଏବଂ ପ୍ରଭୁ ଯୀଶୁଙ୍କ ସମ୍ବନ୍ଧ ବିଷୟରେ ପାଉଲ ଲେଖନ୍ତି, "ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ, ସେ ଈଶ୍ୱର ରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । କିନ୍ତୁ ମନୁଷ୍ୟ ସାଦୃଶ୍ୟ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ ।" (ଫିଲିପୀ ୨:୫-୮) । ଜଗତବାସୀ କୌଣସି ମନୁଷ୍ୟ ବିଷୟରେ କି ଏପରି କୁହାଯାଇ ପାରେ ? "ସତ୍ୟ, ଏ ଈଶ୍ୱରଙ୍କ ପୁତ୍ର ଥିଲେ ।" (ମାଥିଉ ୨୭:୫୪) ବୋଲି ଶତ ସେନାପତିଙ୍କ କ୍ରୁଶ ସମ୍ମୁଖରେ କରିଥିବା ସ୍ୱୀକାର ପ୍ରମାଣ ସେ ପ୍ରକୃତରେ ଜଗତର ମୁକ୍ତିକର୍ତ୍ତା ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର, ସୃଷ୍ଟିକର୍ତ୍ତା ଅଟନ୍ତି ।

ଏବ୍ରୀ ପୁସ୍ତକରେ ପୁରାତନ ନିୟମ ଓ ନୂତନ ନିୟମର ପାର୍ଥକ୍ୟ ସୁନ୍ଦର ଦିଆଯାଇ ଅଛି । ଏହି ପୁସ୍ତକ ପ୍ରତ୍ୟେକ ଅଧ୍ୟାୟରେ ଯୀଶୁ ଖ୍ରୀଷ୍ଟଙ୍କ ମହାନତା ବିଷୟରେ ବର୍ଣ୍ଣନା କରାଯାଏ । ପୁସ୍ତକ କର୍ତ୍ତାଙ୍କ ଲେଖନୀ ଏହି ପଦ ଦ୍ୱାରା ଆରମ୍ଭ ହୁଏ । "ଈଶ୍ୱର ପୂର୍ବକାଳରେ ବିଭିନ୍ନ ଭାଷାରେ ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି, ଏହି ଶେଷକାଳରେ ପୁତ୍ରଙ୍କ ଦ୍ୱାରା ଆମ୍ଭ-ମାନଙ୍କୁ କଥା କହି ଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ, ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ, ତାହାଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି, ପୁଣି ପାପ

ମାର୍ଜନା କଲ ଉତ୍ତାରେ ଊର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷଣ ପାର୍ଶ୍ୱରେ ଉପବେଶନ କରି ଅଛନ୍ତି, ସେ ଯେଉଁ ପରିମାଣରେ ସ୍ୱର୍ଗଦୂତମାନଙ୍କ ଅପେକ୍ଷା ଅତ୍ୟଧିକ ଉତ୍କୃଷ୍ଟ ନାମରେ ଅଧିକାରୀହୋଇ ଅଛନ୍ତି, ସେହି ପରିମାଣ ସେ ସେମାନଙ୍କଠାରୁ ଅତ୍ୟଧିକ ମହାନ ହୋଇ ଅଛନ୍ତି । (ଏବ୍ରୀ ୧୦:୧-୪) ।

ଅତ୍ୟଧିକ ଉତ୍କୃଷ୍ଟ ନାମ ଓ ସମ୍ମାନର ଅଧିକାରୀ ଆମ୍ଭମାନଙ୍କ ପ୍ରଧାନ ଯାଜକ ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇ ତାହାଙ୍କ ରାଜ୍ୟ ଅର୍ଥାତ୍ ତାହାଙ୍କ ମଣ୍ଡଳୀ ପରିପାଳନ କରୁଅଛନ୍ତି । ସୁସମାଚାର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ସେହି ରାଜ୍ୟର ପ୍ରଜା ହୋଇପାରିବା । ସେହି ରାଜ୍ୟର ବିଶ୍ୱସ୍ତ ପ୍ରଜା ରୂପେ ଜୀବନ ଯାପନ କଲେ, ତାହାଙ୍କ ସହିତ ଅନନ୍ତ ଜୀବନ ବିତାଇବାର ସୁଯୋଗ ପାଇପାରିବା । ଯୀଶୁ ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କଲେ ହିଁ ଆମ୍ଭେମାନେ ତାହାଙ୍କ ଶରୀର ସଦୃଶ୍ୟ ମଣ୍ଡଳୀର ସଭ୍ୟ ହୋଇ ପାରିବା । (ଯୋହନ ୮:୨୪) । ଆମ୍ଭମାନଙ୍କ ପାପରୁ ମନପରିବର୍ତ୍ତନ କରି, ତାହାଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରି ବାପ୍ତିଜିତ ହୋଇ, ଆପଣା ୨ ପାପରୁ ମୁକ୍ତ ହୋଇ ତାହାଙ୍କ ମଣ୍ଡଳୀ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଭ୍ୟତା ହାସଲ କରି ପାରିବା । (ପ୍ରେରିତ ୮:୩୬-୩୯, ୨:୪୧,୪୭, ୨୦:୨୮) ।

—Jim Dearman

ଭୁଜେଶ୍ୱରୀ ପ୍ରେସ୍, ନବରଙ୍ଗପୁର ॥

# THE CHRISTIAN'S INFLUENCE

## 1 Peter 2:21

INTRODUCTION :

1. Every one follows some one.
2. We are all influenced by others and we in turn influence those around us.
3. This is true in daily life.
4. This is likewise true in religion.
5 There is much power in example and influence.

DISCUSSION :

**I. Jesus is our great example.**

1. He is an example in all things:
   a In purity.
   b. In obedience.
   c. In humility.
   d. In prayer.
   e. In love.
   f. In suffering,
   g. In forgiveness.
2. He is our guide. (John 14:6).
3. He is our saviour. (Luke 19:10).
4. We are to follow in his steps. (1 Pet 2:21).

**II. The Bible may have a great influence on us.**

1. We need to study it.
2. It pictures the model man of God.
   a One of servive.
   b. One of trust..
   c. One of perseverance.
   d. One of honesty.
   e. One of caution.
   f. One of hospitality.
   g. One of work.

**III. The Christian may have a great influence on others.**

1. A little leaven leaveneth the whole lump.

2. Do all in the name of the Lord. (Col. 3:17).

3. Two kinds of example:

   a Bad.

      1. Bad language
      2. Dishonest.
      3. Hypocritical.
      4. Unfaithful.

   b. Good.

      1. Do good for evil.
      2. Always do right.
      3. Put the Lord first

CONCLUSION :

1. What kind of an example are you?
2. Are you using your influence for good?
3. Use the most powerful weapon you have for good.

**- J. C. Choate.**

---

From
**SATYA VANI**
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)